## ସଂକ୍ଷେପରେ

### ୭୭ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ଜବତ

ନବରଙ୍ଗପୁର, ୩୧।୩ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ଏଲପିଜି ଗ୍ୟାସ ସିଲିଣ୍ଡର କଳାବଜାର ରୋକିବା ପାଇଁ ଜିଲା ଯୋଗାଣ ବିଭାଗ ଅଧିକାରୀ ବିଭିନ୍ନ ହୋଟେଲ, ବ୍ୟବସାୟୀଙ୍କ ଘର ଓ ଦୋକାନ ଉପରେ ଚଢାଉ କରି ଦିନକରେ ୭୭ ଟି ଏଲପିଜି ଗ୍ୟାସ ସିଲିଣ୍ଡର ଜବତ କରିଛନ୍ତି । ନବରଙ୍ଗପୁର ସହରର ଗାନ୍ଧୀନଗରର ଏକ ଜଳଖିଆ ଦୋକାନରୁ ୨୮ଟି, ଉମରକୋଟରେ ୨ଜଣଙ୍କ ଠାରୁ ୪୨ଟି, ପାପଡାହାଣ୍ଡିରେ ଜଣଙ୍କଠାରୁ ୭ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି । ସେମାନଙ୍କ ବିରୋଧରେ ଅତି ଆବଶ୍ୟକ ସାମଗ୍ରୀ ଆଇନ ଅନୁଯାୟୀ କୋର୍ଟରେ ମାମଲା ରୁଜୁ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି କହିଛନ୍ତି । ଜିଲା ଯୋଗାଣ ବିଭାଗ ପକ୍ଷରୁ ଏଯାଏଁ ୧୦୧ ଟି ଏଲପିଜି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି ।

### ୱାର୍କର୍ସ କ୍ଲବ୍‌ର କାଉନସିଲ ବୈଠକ

ରାୟଗଡ଼ା,୩୧।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ରବିବାର ୱାର୍କର୍ସ କ୍ଲବର ୧୬୬ ତମ ଆନ୍ତର୍ଜାତୀୟ କାଉନସିଲ ବୈଠକ ସଭାପତି ୱାକର ଡକ୍ଟର ପି. ରବି ରାଜୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ୱାକର ଏମ.ପ୍ରଭାବତୀ, ରବି କ୍ରିଷ୍ଣା ରାଓ ଏବଂ ଅନ୍ୟ ଆନ୍ତର୍ଜାତୀୟ କର୍ମକର୍ତ୍ତାମାନେ ସମ୍ମାନୀତ ଅତିଥି ରୂପେ ଯୋଗଦେଇଥିଲେ । ୱାକର ସତ୍ୟବାଦୀ ପତି, ଅଭିମନ୍ୟୁ ନାୟକ, ଟି. ଜୟରାମ, କିଶୋର ଚନ୍ଦ୍ର ପଣ୍ଡ ହୋଷ୍ଟ କ୍ଲବର ବହୁ ୱାକର ସଦସ୍ୟ ଯୋଗ ଦେଇଥିଲେ । ପ୍ରଥମେ ହୋଷ୍ଟ କ୍ଲବ୍‌ର ସଭାପତି ୱାକର ବ୍ରଜ ସୁନ୍ଦର ନାୟକ ସମସ୍ତ ସମ୍ମାନୀତ ଅତିଥିଙ୍କୁ ମଞ୍ଚ ଉପରକୁ ନିମନ୍ତ୍ରଣ କରିଥିଲେ । ପରେ ହୋଷ୍ଟ କ୍ଲବ୍‌ର ସମ୍ପାଦକ ୱାକର ମନ୍ମଥ ତୁଳ କ୍ଲବ୍‌ର ପ୍ରାର୍ଥନା ପଢ଼ିଥିଲେ । ବିଶ୍ୱ ଶାନ୍ତି ପାଇଁ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । କ୍ଲବର ସର୍ବାଙ୍ଗୀନ ଉନ୍ନତି ପାଇଁ ସଭାପତି ତଥା କାଉନସିଲର ଏବଂ ଅନ୍ୟ ସମ୍ମାନୀତ ଅତିଥିମାନେ ନିଜ ନିଜର ମତାମତ ରଖିଥିଲେ ।

### ଗାଁରେ ମଦ ବିକ୍ରି ବନ୍ଦ ନେଇ ଦାବିପତ୍ର

ନବରଙ୍ଗପୁର,୩୧।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବ୍ଲକ୍ ଗୁମିଦୋରା ଗ୍ରାମର ସମସ୍ତ ମହିଳା ଏକାଠି ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆସି ଗାଁରେ ମଦ ବିକ୍ରି ବନ୍ଦ କରିବା ପାଇଁ ଅଭିଯୋଗ କରିଛନ୍ତି । ଜିଲାପାଳ ଚନ୍ଦାହାଣ୍ଡି ଅଭିଯୋଗ ଶୁଣାଣିକୁ ଯାଇଥିବାରୁ ଡେପୁଟି କଲେକ୍ଟର ବନିତା ତ୍ରିପାଠୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗୋମିଦୋରା ଗାଁରେ ମଦ ଓ ନିଶା ଦ୍ରବ୍ୟ ବ୍ୟାପକ ଭାବେ ବିକ୍ରି ଯୋଗୁ ବେନିୟମ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ଏହାର ପ୍ରଭାବରେ ଗ୍ରାମରେ ମଦ୍ୟପ ଲୋକ ଓ ନିଶା ସେବନ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଫଳରେ ପରିବାର ମଧ୍ୟରେ ଅଶାନ୍ତି ଲାଗି ରହୁଛି। ଛୋଟ ପିଲାମାନଙ୍କ ଉପରେ ଏହାର ପ୍ରଭାବ ପଡୁଛି। ଘରୋଇ ହିଂସା ବୃଦ୍ଧି ପାଉଛି । ବିଗତ ବର୍ଷରେ ଗାଁରେ ମଦ ବିକ୍ରି ହେଉ ନ ଥିଲା। ଏବେ ବେଆଇନ ଭାବେ ବ୍ୟାପକ ମଦ କାରବାର ହେଉଛି। ଗାଁରେ ମଦ ଓ ନିଶାଦ୍ରବ୍ୟ ବିକ୍ରି ବନ୍ଦ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ।

# ଜଙ୍ଗଲରୁ ବିପୁଳ ବିସ୍ଫୋରକ, ମାଓବାଦୀ ସାମଗ୍ରୀ ଜବତ

ରାୟଗଡା,୩୧।୩(ଆଶିଷ ରଞ୍ଜନ ପଣ୍ଡା)


ଏସ୍‌ପି ସ୍ୱାଥୀ ଏସ୍ କୁମାର ସୂଚନା ଦେଉଛନ୍ତି ।

ରାୟଗଡା ପୋଲିସର ଡିଭିଏଫ ସୁରକ୍ଷା କର୍ମୀଙ୍କ ଦ୍ୱାରା ବିପୁଳ ପରିମାଣରେ ବିସ୍ଫୋରକ ଓ ମାଓବାଦୀ ବ୍ୟବହୃତ ସାମଗ୍ରୀ ବିଭିନ୍ନ ଜଙ୍ଗଲରୁ ଜବତ କରାଯାଇଛି। ଏ ନେଇ ରାୟଗଡା ଏସ୍‌ପି ସ୍ୱାଥୀ ଏସ୍ କୁମାର ମଙ୍ଗଳବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ଏସ୍‌ପିଙ୍କ ସୂଚନା ପ୍ରକାରେ, ଫେବ୍ରୁଆରୀରେ ନିଖିଲ ଓ ଇନ୍ଦୁଙ୍କ ସମେତ ୧୫ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ। ଏହାପରେ ସୁରକ୍ଷାକର୍ମୀ ରାୟଗଡା, କନ୍ଧମାଳ ଜିଲା ସୀମାନ୍ତ ଅଞ୍ଚଳରେ ରହିଥିବା ମୁନିଗୁଡା ଓ ଅମ୍ବାଦଳା ଥାନା ଅନ୍ତର୍ଗତ ପାଜିଗାରେଗା ଗ୍ରାମ ନିକଟସ୍ଥ ଜଙ୍ଗଲ, ଆମ୍ରିଖୋଲ ଗ୍ରାମ ଓ ପତ୍ରାଣୀ ଗ୍ରାମର ଜଙ୍ଗଲରୁ ବିପୁଳ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିବା ଏସ୍‌ପି ସ୍ୱାଥୀ କୁମାର ସୂଚନା ଦେଇଛନ୍ତି । ଡିଭିଏଫ ଦ୍ୱାରା ଜବତ ହୋଇଥିବା ବିସ୍ଫୋରକ ମଧ୍ୟରେ ୪୧୫ ଡିଟୋନେଟର, ୮ ବଣ୍ଡଲ କୋର୍ଡେକ୍ସ, ୩ଟି ବ୍ୟାଗରେ ୨୯କେଜି ଉଚ୍ଚ ବିସ୍ଫୋରକ ସମାଗ୍ରୀ, ୨ଟି ସିଙ୍ଗଲ ସଟ ଗନ, ଗୋଟିଏ ବିଜିଏଲ ବନ୍ଧୁକ, ଗୋଟିଏ ଲ୍ୟାପଟପ, ଚାର୍ଜର, ୨ଟି ଇଲେକ୍ଟ୍ରି ୱାୟାର ବଣ୍ଡଲ, ନାଲି କପଡା, ପ୍ଲାଷ୍ଟିକ କଣ୍ଟେନର ରହିଛି। ରାୟଗଡା ଜିଲା ମାଓବାଦୀ ମୁକ୍ତ ହେଲା ବୋଲି ଆମେ କହିପାରିବା କି ବୋଲି ଗଣମାଧ୍ୟମର ପ୍ରଶ୍ନରେ ରାୟଗଡା ଜିଲାରେ ମାଓବାଦୀଙ୍କ ଗତିବିଧି କିଛି ନାହିଁ ଏବଂ ଏ ନେଇ ଏଡିଜି ନିକଟରେ ସୂଚନା ଦେଇ କହିଛନ୍ତି। ଆଉ ହାତଗଣତି ସଂଖ୍ୟାରେ ନକ୍ସଲ ଅଛନ୍ତି। କାଶୀପୁର ବ୍ଲକର ସର୍ବେଶ ମାଝି ଓରଫ ମଙ୍ଗୁର ସ୍ଥିତିକୁ ନେଇ ପଚାରିବାରୁ ବର୍ତ୍ତମାନ କନ୍ଧମାଳ, ଗଞ୍ଜାମ ସୀମାନ୍ତ ଅଞ୍ଚଳରେ ଗତିବିଧି ରହିଥିବା ଏସ୍‌ପି ସ୍ୱାଥୀ ଏସ୍ କୁମାର ସୂଚନା ଦେଇଛନ୍ତି ।

## କାଡାସିରେ 'ଆମ ପୋଲିସ ସମିତି' କାର୍ଯ୍ୟକ୍ରମ


ପୋଲିସ ଲୋକଙ୍କୁ ସଚେତନ କରୁଛି।

ଗୁଣୁପୁର, ୩୧।୩ (ସଂକେତ ପାତ୍ର)

ରାୟଗଡା ଜିଲା ଗୁଣପୁର ବ୍ଲକ୍ ପୁଟାସିଂ ଥାନା ଅନ୍ତର୍ଗତ କୁଲୁସିଂ ପଞ୍ଚାୟତର କାଡାସି ଗ୍ରାମରେ ମଙ୍ଗଳବାର 'ଆମ ପୋଲିସ ସମିତି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁଟାସିଂ ଥାନା ଅଧିକାରୀ ବିଦ୍ୟୁଲତା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲାଞ୍ଜିଆ ସୌରା ଅଞ୍ଚଳର ଜନସାଧାରଣ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପୋଲିସ ପକ୍ଷରୁ ବିଭିନ୍ନ ସାମାଜିକ ଓ ସୁରକ୍ଷାମୂଳକ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ବିଶେଷ କରି ବାଲ୍ୟ ବିବାହ ରୋକିବା, ଅନ୍ଧବିଶ୍ୱାସରୁ ଦୂରେଇବା, ଗୁଣିଗାରେଡ଼ି ପ୍ରଥାକୁ ଅନୁସରଣ ନ କରିବା, ସମାଜରେ ସୁସମ୍ପର୍କ ବଢ଼ାଇବା ସହ ସାଇବର ଅପରାଧ ଓ ଟ୍ରାଫିକ ନିୟମ ପ୍ରତି ସଚେତନ ରହିବା ପାଇଁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ସ୍ଥାନୀୟ ସରପଞ୍ଚ, ୱାର୍ଡ ସଦସ୍ୟ ଓ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ। ସମାଜ ଓ ପୋଲିସ ମଧ୍ୟରେ ସମନ୍ୱୟ ବଢ଼ାଇ ଶାନ୍ତି ଓ ଶୃଙ୍ଖଳା ରକ୍ଷା କରିବା ଲକ୍ଷ୍ୟରେ ଏପରି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ ପାଇଛି।

# ମାଉସୀ ଘରୁ ଫେରିଲେ ମା' ଗଙ୍ଗାଦେବୀ

### ସରିଲା ଠାକୁରାଣୀଙ୍କ ଘଣ୍ଟଯାତ୍ରା

ଟିକିରି,୩୧।୩ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରି ଅଧିଷ୍ଠାତ୍ରୀ ଦେବୀ ମା' ଗଙ୍ଗାଦେବୀ ଠାକୁରାଣୀଙ୍କ ୯ ଦିନ ଧରି ଚାଲିଥିବା ଘଣ୍ଟଯାତ୍ରା ମଙ୍ଗଳବାର ଶେଷ ହୋଇଛି। ମା'ଙ୍କ ଘଣ୍ଟ, ହାଣ୍ଡି ପ୍ରତ୍ୟେକ ଦିନ ସନ୍ଧ୍ୟାରେ ନଗର ପରିକ୍ରମା କରି ଭକ୍ତଙ୍କୁ ଦର୍ଶନ ଦେବା ସହ ମା'ଙ୍କ ପ୍ରିୟ ଭୋଗ ମୁଆଁ, ପଣା ଖାଇ ଆଶୀର୍ବାଦ କରିଥିଲେ। ସୋମବାର ସକାଳୁ ମା' ନିଜ ମାଉସୀ ଘର ଠାରୁ ୮ କି.ମି. ଦୂର କିଦିରିପଦର ଗ୍ରାମକୁ ଯାଇ ଆଖପାଖର ୪ଟି ଗ୍ରାମରେ ଭୋଗ ଖାଇଥିଲେ। ସେଠାରୁ ମଙ୍ଗଳବାର ସନ୍ଧ୍ୟାରେ ବିରାଟ ପଟୁଆରରେ ମା' ଟିକିରିସ୍ଥିତ ନିଜ ମନ୍ଦିରକୁ ଫେରିଥିବା ମନ୍ଦିରର ପୂଜକ ଉମାଶଙ୍କର ଦଣ୍ଡସେନା କହିଛନ୍ତି। ମା' ନିଜ ମନ୍ଦିର ନିକଟରେ ପହଞ୍ଚିବା ପରେ ଭକ୍ତମାନେ ବିଭିନ୍ନ ବେଶ ଧରି ନୃତ୍ୟ ପରିବେଷଣ କରିଥାନ୍ତି। ଏହାପରେ ମାନସିକ ଧାରୀମାନେ ହାତରେ ଜଡା ତେଲ ଲଗାଇ ଗରମ ଲୁହା ଶାବଳକୁ ହାତରେ ଧରି ଚାଲିଥାନ୍ତି।


ମା'ଙ୍କ ଘଟ ନଗର ପରିକ୍ରମା କରାଯାଉଛି ।

ଏହା ପରେ ବାଘ ବେଶଧାରୀମାନେ ବିଭିନ୍ନ ପ୍ରକାରନୃତ୍ୟ କରନ୍ତି। ମାନସିକ ପୂର୍ଣ୍ଣ ହେଲାପରେ ଭକ୍ତମାନେ ମା'ଙ୍କ ନିକଟରେ ପାରା, କୁକୁଡ଼ା, ଛେଳି ବଳି ଦେଇଥାନ୍ତି ବୋଲି ମା' ଗଙ୍ଗାଦେବୀ ଠାକୁରାଣୀଙ୍କ ପୂଜକ ଦଣ୍ଡସେନା ସୂଚନା ଦେଇଛନ୍ତି । ତେବେ ମା'ଙ୍କ ନବଦିନାତ୍ମକ ଯାତ୍ରା ପାଇଁ ଟିକିରି ଚଳଚଞ୍ଚଳ ହୋଇପଡ଼ିଥିଲା। ସାରା ସନ୍ଦରରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା

## ଶିକ୍ଷକ ସନଧର ମାଝୀ ନିଲମ୍ବିତ

### ନକଲି ସାର୍ଟିଫିକେଟରେ ଚାକିରି ଘଟଣା

ନବରଙ୍ଗପୁର, ୩୧।୩(ସଦାଶିବ ପ୍ରହରାଜ)

ନକଲି ସାର୍ଟିଫିକେଟରେ ଚାକିରୀ କରିବା ଘଟଣାରେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ କୁର୍ଷି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ସନଧର ମାଝୀଙ୍କୁ ନିଲମ୍ବିତ କରାଯାଇଛି। ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ନିର୍ଦ୍ଦେଶକ୍ରମେ ଉମରକୋଟ ବିଇଓ ଈଶ୍ୱର ଚନ୍ଦ୍ର ମାଝି ୩୦ ତାରିଖ ଚିଠି ନମ୍ବର ୮୩୮ ଅନୁଯାୟୀ ଶିକ୍ଷକ ସନଧରଙ୍କୁ ନିଲମ୍ବିତ କରିଛନ୍ତି। ନିଲମ୍ବନ ପରେ ମୁର୍ତ୍ତୁମା ନୋଡାଲ ସରକାରୀ ହାଇସ୍କୁଲଠାରେ ତାଙ୍କୁ ଅବସ୍ଥାପିତ କରାଯାଇଥିବା ସୂଚନା ମିଳିଛି। ଉମରକୋଟ ବ୍ଲକ କୁର୍ଷି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସନଧର ମାଝୀ ପ୍ରାଥମିକ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପଢ଼ାଉଥିଲେ। ତେବେ ତାଙ୍କ ଯୁକ୍ତ ଦୁଇ ସାର୍ଟିଫିକେଟ ନକଲି ବୋଲି ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସାର୍ଟିଫିକେଟ ଯାଞ୍ଚ ପାଇଁ ବୋର୍ଡ଼କୁ ପଠାଯାଇଥିଲା। ବୋର୍ଡରୁ ନକଲି ସାର୍ଟିଫିକେଟ ବୋଲି ରିପୋର୍ଟ ପାଇବା ପରେ ଜିଲା ଶିକ୍ଷା ଅଧିକାରୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଉମରକୋଟ ବିଇଓ ମାଝି ଶିକ୍ଷକଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ। ଏ ନେଇ ଉମରକୋଟ ଥାନାରେ ୮୦/୨୬ରେ ଏକ ମାମଲା ରୁଜୁକରି ପୋଲିସ ଅଧିକ ତଦନ୍ତ ଚଳାଇଛି ।

## ପୁଲୁଗୁମି ବନଦୁର୍ଗା ମନ୍ଦିରରେ ଚୈତ୍ରପର୍ବ

ଗୁଣପୁର, ୩୧।୩ (ସଂକେତ ପାତ୍ର)


ପୁଲୁଗୁମି ଗ୍ରାମରେ ପୂଜା ପାଉଥିବା ମା' ବନଦୁର୍ଗା ।

ରାୟଗଡା ଜିଲା ଗୁଣପୁର ବ୍ଲକ୍‌ର ପୁଲୁଗୁମି ଗ୍ରାମରେ ଥିବା ବନଦୁର୍ଗା ମନ୍ଦିରରେ ଚୈତ୍ର ପର୍ବ ଧୁମଧାମରେ ପାଳିତ ହୋଇଯାଇଛି। ୨୯ରୁ ଆରମ୍ଭ ହୋଇଥିବା ମା'ଙ୍କ ଏହି ପର୍ବ ମଙ୍ଗଳବାର ଶେଷ ହୋଇଛି। ମଙ୍ଗଳବାର ସକାଳ ୮ଟାରେ ପୂଜା ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ୧୨ଟାରେ ପୂର୍ଣ୍ଣାହୁତି ଓ ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି ସମୟରେ ଶତାଧିକ ଭକ୍ତ ମା ବନଦୁର୍ଗାଙ୍କୁ ପୁଷ୍ପ ଅର୍ପଣ କରି ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ଅନ୍ନପ୍ରସାଦ ବ୍ୟବସ୍ଥା ହୋଇଥିଲା। ଏଥିରେ ଗୁଣପୁର ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ଙ୍କ ସହ ବୟୋଜ୍ୟେଷ୍ଠ ଓ ଆଇନଜୀବୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗୁଣପୁର ସହରର ନବ ନିର୍ମାଣ ସମିତି, କଳିଙ୍ଗ ସାମ୍ବାଦିକ ସଂଘ ଓ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଶେଷରେ ମା' ବନଦୁର୍ଗା ମନ୍ଦିରର ଉନ୍ନତିକରଣ ନେଇ ଆଲୋଚନା ହୋଇଥିଲା। ଆସନ୍ତା କିଛି ଦିନ ମଧ୍ୟରେ ମନ୍ଦିର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ କରାଯିବା ପାଇଁ ସମ୍ମତି ହୋଇଥିଲା।

# ପ୍ରାଥମିକ ଶିକ୍ଷା ହିଁ ଶିକ୍ଷାର ମୂଳଦୁଆ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଗୁଡାରି, ୩୧।୩ (ପ୍ରମୋଦ କୁମାର ପତି )

ରାୟଗଡା ଜିଲା ଗୁଡାରି ବ୍ଲକ୍‌ର ଏମ୍‌କେରାଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜଳନିଧିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ଶବର ଓ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ସୁନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାଙ୍ଗୁଡା ରୁପମାଝୀ, ଜିଲା ପରିଷଦ ସଭ୍ୟ ପତି କ୍ରାସ୍କା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜୟଲକ୍ଷ୍ମୀ ମୁଟିକା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାଥମିକ ଶିକ୍ଷା ହିଁ ଶିକ୍ଷାର ମୂଳଦୁଆ ଏବଂ ଶିକ୍ଷା ବିକାଶର ଚାବିକାଠି ବୋଲି ଉପସ୍ଥିତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କହିଥିଲେ। ଏହାଛଡ଼ା ଶିକ୍ଷା ସହ କ୍ରୀଡା ଏବଂ ଅନ୍ୟାନ୍ୟ ଧନ୍ଦାମୂଳକ ଶିକ୍ଷା ପ୍ରତି ରୁଚି ରଖିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭଲ ପାଠ ପଢି ଏହି ବିଦ୍ୟାଳୟର ନାମକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ କହିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଶେଷ ଭାଗରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜୟଲକ୍ଷ୍ମୀ ମୁଟିକାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ।

## ଜମିଜମା ବିବାଦକୁ ନେଇ ଯୁବକଙ୍କୁ ଆକ୍ରମଣ

ମାଲକାନଗିରି,୩୧।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଲିମେଳା ଥାନା ଅଧୀନ ମାଙ୍ଗିପାଲି ଗ୍ରାମରେ ଜମିଜମା ବିବାଦକୁ ନେଇ ଜଣେ ଯୁବକଙ୍କୁ ମରଣାତ୍ମକ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଗୁରୁତର ଯୁବକ ହେଲେ ବୁଧନାଥ କବାସୀ। ସେ ମହୁଲ ଗୋଟେଇବା ପାଇଁ ଜଙ୍ଗଲକୁ ଯାଇଥିବା ବେଳେ କେତେଜଣ ବ୍ୟକ୍ତି ତାଙ୍କୁ ଧନୁତୀର ଓ ପଥରରେ ଆକ୍ରମଣ କରିଥିଲେ। ଏଥିରେ ବୁଧନାଥ ଗୁରୁତର ହୋଇଥିଲେ। ଘଟଣାସ୍ଥଳରୁ ସେ ରକ୍ତାକ୍ତ ଅବସ୍ଥାରେ ଖସିଯାଇ କାଲିମେଳା ଚିକିତ୍ସାଳୟକୁ ଯାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବୁଧନାଥଙ୍କ ସ୍ତ୍ରୀ କାଲିମେଳା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାରେ ଭିମା କବାସୀ, ସୋମନାଥ କବାସୀ ଓ ଲକ୍ଷ୍ମଣ କବାସୀଙ୍କୁ ଚିହ୍ନଟସହ ଅଟକରଖି ପଚରାଉଚରା କରୁଛି।

## ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ

ଗୁଣପୁର, ୩୧।୩ (ସୁଜାତା ପାଢ଼ୀ)


ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଭାଜପା ନେତା।

ରାୟଗଡ଼ା ଜିଲା ଗୁଣପୁର ଭାଜପା ପକ୍ଷରୁ ସ୍ଥାନୀୟ ଭେଙ୍କଟେଶ୍ୱର କଲ୍ୟାଣ ମଣ୍ଡପଠାରେ ଦୁଇ ଦିନିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଶିବିର ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ନଗର ସଭପତି ଜୟଦେବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ, ଜିଲା ଉପ ସଭାପତି ଶ୍ରୀନିବାସ ସ୍ୱାଇଁ, ନଗର ମଣ୍ଡଳ ପ୍ରଭାରୀ ରାମ ବେହେରା ପ୍ରମୁଖ ମଞ୍ଚାସୀନ ରହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଦୁଇ ଦିନିଆ ପ୍ରଶିକ୍ଷଣ ଶିବିରରେ ଗୁଣପୁର ନଗର ମଣ୍ଡଳର କର୍ମୀ ଏବଂ କାର୍ଯ୍ୟକର୍ତ୍ତାମାନେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଭାଜପ ନୀତି, ଆଦର୍ଶ, ଦେଶ ପ୍ରତି ଦଳୀୟ ନେତା କର୍ମୀଙ୍କ କାର୍ଯ୍ୟ, ପାର୍ଟିର ସଙ୍ଗଠନ ବୃଦ୍ଧି ଭଳି ଅନେକ ବିଷୟରେ ତାଲିମ ଦିଆଯିବ । ଦଳର ବିକାଶମୂଳକ କାର୍ଯ୍ୟ ଲୋକଙ୍କ ପାଖରେ ପହଞ୍ଚାଇବାକୁ କୁହାଯାଇଥିଲା ।

# ଅଫିସ୍, ଅନୁଷ୍ଠାନ ନାମଫଳକ ଓଡ଼ିଆରେ ଲେଖିବାକୁ ଦାବି

ପଦ୍ମପୁର, ୩୧।୩ (ପ୍ରଶାନ୍ତ କୁମାର କର)

ସାରା ରାଜ୍ୟରେ ବୁଧବାର ୯୧ ତମ ଓଡ଼ିଶା ଦିବସ ପାଳନ କରାଯିବ। ଓଡ଼ିଶାର ଅନେକ ବରପୁତ୍ରଙ୍କ ସଂଘର୍ଷ ତ୍ୟାଗ ଓ ବଳିଦାନର ଫଳରେ ୧୯୩୬ ଏପ୍ରିଲ ୧ତାରିଖ ଦିନ ଭାଷା ଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହୋଇଥିଲା। ଓଡ଼ିଆ ଭାଷାର ସୁରକ୍ଷା ସହ ଏହାର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ନାମଫଳକ ଓଡ଼ିଆରେ ଲେଖିବା ପାଇଁ ବାଧ୍ୟତାମୂଳକ କରାଯାଇଛି। ସମସ୍ତ ସରକାରୀ ନଥିପତ୍ର,



ଇଂଲିଶରେ ନାମଫଳକ ଲେଖାଯାଇଛି ।

### ଆଜି ଓଡ଼ିଶା ଦିବସ

ଚିଠି, ବିଜ୍ଞପ୍ତି ଆଦି ଓଡ଼ିଆ ଭାଷାରେ ପ୍ରକାଶ କରିବାକୁ କୁହାଗଲା। ଏବେ ମଧ୍ୟ ପଦ୍ମପୁର ଅଞ୍ଚଳର ବହୁ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାରେ ସାଇନବୋର୍ଡ ଲେଖାଯିବା ନିୟମ ବାଟବଣା ହୋଇଯାଇଛି। ପୂର୍ବପରି ଇଂଲିଶ ଭାଷାକୁ ବହୁଳ ବ୍ୟବହାର କରାଯାଉଥିବା ବେଳେ ଓଡ଼ିଆ ଭାଷାକୁ ଗୌଣ କରିଦିଆଯାଉଛି। ନାଁ କୁ କିଛି ସରକାରୀ କାର୍ଯ୍ୟାଳୟ ମଝିରେ ମଝିରେ ଓଡ଼ିଆ ଭାଷାରେ ଚିଠି ଲେଖି ଭାଷା ପ୍ରିତି ଦେଖାଇବାକୁ ଚେଷ୍ଟା କରୁଥିବା ବେଳେ ଅଧିକାଂଶ ଚିଠିଗୁଡିକ ଇଂଲିଶ ଭାଷାରେ ଲେଖାଯାଇଥିବା ଅଭିଯୋଗ ହେଉଛି। କେତେକ କ୍ଷେତ୍ରରେ ଓଡ଼ିଆ ଟାଇପ ଅଭିଜ୍ଞତା ନ ଥିବା କର୍ମଚାରୀ ଦର୍ଶାଇ ଇଂଲିଶ ଭାଷାରେ ଚିଠି ପତ୍ର ଜାରି ରହିଥିବା ଦେଖିବାକୁ ମିଳିଛି।

# ନିଆଁରେ ଚାଲିଲେ, କଣ୍ଟାଦୋଳିରେ ଝୁଲିଲେ ପୂଜକ

ଗୁଣପୁର, ୩୧।୩( ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ବାଣିଶ୍ରୀ ବିହାର ନିକଟସ୍ଥ ବନଦୁର୍ଗା ମନ୍ଦିରରେ ୩ ଦିନ ଧରି ଚାଲିଥିବା ବନ ଦୁର୍ଗାଙ୍କ ଅଗ୍ନିଯାତ୍ରା ସମ୍ପନ୍ନ ହୋଇଛି । ମଙ୍ଗଳବାର ଏହି ଯାତ୍ରାର ଅନ୍ତିମ ଦିବସରେ ମୁଖ୍ୟ ପୂଜକ ନିରଞ୍ଜନ ରଥଙ୍କ ଦ୍ୱାରା ପ୍ରତ୍ୟୁଷରୁ ମା' ବନଦୁର୍ଗାଙ୍କ ସମସ୍ତ ନୀତିକାନ୍ତି କରାଯାଇଥିଲା । ଦିନ ତମାମ ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଆସି ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ । ବହୁ ଶ୍ରଦ୍ଧାଳୁ ମନୋସ୍କାମନା ପୂରଣ ନିମନ୍ତେ ସ୍ୱତନ୍ତ୍ର ପୂଜାପାଠ କରିଥିଲେ। ଅନ୍ତିମ ଦିବସରେ ମା'ଙ୍କ ପାଟ ଚାଙ୍ଗୁଡି, ପାଟଖଣ୍ଡା ଓ ଘଟକୁ ବାଦ୍ୟ ବାଜଣା ସହ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ପୂଜକ ନିରଞ୍ଜନ ରଥ ଧଳା ପାରା ଉଡାଇବା ପରେ ପୂର୍ବରୁ ପ୍ରସ୍ତୁତ ରହିଥିବା ଅଗ୍ନିକୁଣ୍ଡରେ ଚାଲିଥିଲେ। ଏହି ଦୃଶ୍ୟ


ପୂଜକ କଣ୍ଟାଦୋଳିରେ ଝୁଲୁଛନ୍ତି ।

### ବନଦୁର୍ଗାଙ୍କ ଅଗ୍ନିଯାତ୍ରା

ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସେହିପରି ମୁଖ୍ୟ ପୂଜକ ରଥ ଲୁହା କଣ୍ଟା ଦୋଳିରେରେ ଝୁଲିବା ପରେ ଅନ୍ୟ ବେଜୁମାନେ ମଧ୍ୟ ନିଆଁରେ ଚାଲିବା ସହ କଣ୍ଟା ଦୋଳିରେ ଝୁଲିଥିଲେ। ସେମାନେ ବିଭିନ୍ନ ବେଶଭୁଷାରେ ସୁସଜ୍ଜିତ ହୋଇ ନାଚ କରିଥିଲେ। ପାଗ ଅନୁକୂଳ ଥିବାରୁ ବିଭିନ୍ନ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ଯାତ୍ରାକୁ ସରସ ସୁନ୍ଦର କରିବା ନିମନ୍ତେ ଅସ୍ଥାୟୀ ଦୋକାନଗୁଡିକ ଖୋଲିବା ସହ ପୌରାଣିକ ନାଟକ ଭାରତ ଲୀଳା ପରିବେଷଣ ହୋଇଥିଲା।

**ସଂକ୍ଷେପରେ**

## ଗାଁରେ ମଦ ବିକ୍ରି ବନ୍ଦ ନେଇ ଦାବିପତ୍ର

ନବରଙ୍ଗପୁର,୩୧।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବ୍ଲକ୍ ଗୁମିଦୋରା ଗ୍ରାମର ସମସ୍ତ ମହିଳା ଏକାଠି ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆସି ଗାଁରେ ମଦ ବିକ୍ରି ବନ୍ଦ କରିବା ପାଇଁ ଅଭିଯୋଗ କରିଛନ୍ତି । ଜିଲାପାଳ ଚନ୍ଦାହାଣ୍ଡି ଅଭିଯୋଗ ଶୁଣାଣିକୁ ଯାଇଥିବାରୁ ଡେପୁଟି କଲେକ୍ଟର ବନିତା ତ୍ରିପାଠୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗୋମିଦୋରା ଗାଁରେ ମଦ ଓ ନିଶା ଦ୍ରବ୍ୟ ବ୍ୟାପକ ଭାବେ ବିକ୍ରି ଯୋଗୁ ବେନିୟମ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ଏହାର ପ୍ରଭାବରେ ଗ୍ରାମରେ ମଦ୍ୟପ ଲୋକ ଓ ନିଶା ସେବନ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ପରିବାର ମଧ୍ୟରେ ଅଶାନ୍ତି ଲାଗି ରହୁଛି। ଛୋଟ ପିଲାମାନଙ୍କ ଉପରେ ଏହାର ପ୍ରଭାବ ପଡୁଛି। ଘରୋଇ ହିଂସା ବୃଦ୍ଧି ପାଉଛି । ବିଗତ ବର୍ଷରେ ଗାଁରେ ମଦ ବିକ୍ରି ହେଉ ନ ଥିଲା। ଏବେ ବେଆଇନ ଭାବେ ବ୍ୟାପକ ମଦ କାରବାର ହେଉଛି। ଗାଁରେ ମଦ ଓ ନିଶାଦ୍ରବ୍ୟ ବିକ୍ରି ବନ୍ଦ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ।

## ୮ରେ ହନୁମାନ ବିଗ୍ରହ ପ୍ରତିଷ୍ଠା

ପାପଡାହାଣ୍ଡି,୩୧।୩ (ସ୍ୱପ୍ନଜିତ ପଟ୍ଟନାୟକ)

ପାପଡାହାଣ୍ଡି ନୂତନ ହନୁମାନ ମନ୍ଦିର ପ୍ରାଙ୍ଗଣଠାରେ ହନୁମାନ ବିଗ୍ରହ ପ୍ରତିଷ୍ଠା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପୂର୍ବତନ ସରପଞ୍ଚ ବି. ଜଗନ ମୋହନ ରାଓ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଜି. ଅନନ୍ତ ମୂର୍ତ୍ତି, ହରି ପାଣିଗ୍ରାହୀ, ବିନୋଦ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୮ ତାରିଖରେ ନୂତନ ଭାବେ ନିର୍ମାଣ ହୋଇଥିବା ହନୁମାନ ବିଗ୍ରହ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଗ୍ରାମର ସମସ୍ତ ପରିବାର ଉପସ୍ଥିତ ରହିବାକୁ ଅନୁରୋଧ ହୋଇଥିଲା। ବୈଠକରେ ବିଜୟ ବିଷୋୟୀ, ମନୋଜ ଅଗ୍ରୱାଲ, ଶଶୀ ମୋହନ ଶର୍ମା, ଗୁପ୍ତେଶ୍ୱର ପଟ୍ଟନାୟକଙ୍କ ସହ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

## ଜମିଜମା ବିବାଦକୁ ନେଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ମାଲକାନଗିରି,୩୧।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଲିମେଳା ଥାନା ଅଧୀନ ମାଙ୍ଗିପାଲି ଗ୍ରାମରେ ଜମିଜମା ବିବାଦକୁ ନେଇ ଜଣେ ଯୁବକଙ୍କୁ ମରଣାତ୍ମକ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଗୁରୁତର ଯୁବକ ହେଲେ ବୁଧ୍ନାଥ କବାସୀ। ସେ ମହୁଲ ଗୋଟେଇବା ପାଇଁ ଜଙ୍ଗଲକୁ ଯାଇଥିବା ବେଳେ କେତେଜଣ ବ୍ୟକ୍ତି ତାଙ୍କୁ ଧନୁତୀର ଓ ପଥରରେ ଆକ୍ରମଣ କରିଥିଲେ। ଏଥିରେ ବୁଧ୍ନାଥ ଗୁରୁତର ହୋଇଥିଲେ। ଘଟଣାସ୍ଥଳରୁ ସେ ରକ୍ତାକ୍ତ ଅବସ୍ଥାରେ ଖସିଯାଇ କାଲିମେଳା ଚିକିତ୍ସାଳୟକୁ ଯାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବୁଧ୍ନାଥଙ୍କ ସ୍ତ୍ରୀ କାଲିମେଳା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାରେ ଭିମା କବାସୀ, ସୋମନାଥ କବାସୀ ଓ ଲକ୍ଷ୍ମଣ କବାସୀଙ୍କୁ ଚିହ୍ନଟ ସହ ଅଟକ ରଖି ପଚରାଉଚରା କରୁଛି।

## ୭ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

କୋରୁକୋଣ୍ଡା,୩୧।୩(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ ଅଧୀନ ଡାଇକ–୩ ଅଞ୍ଚଳରୁ ଛତିଶଗଡ଼କୁ ସ୍କୁଟିରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଓର୍କେଲ ପୋଲିସ ଜବତ କରି ଜଣଙ୍କୁ ସୋମବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଛତିଶଗଡ଼ ଦନ୍ତେୱାଡା ଜିଲା କଉକୋଣ୍ଡା ଥାନା ଅଧୀନ ବାଇଦେପାରା ଗ୍ରାମର ମୋହିତ ନାଗ(୨୦)। ସୂଚନାନୁଯାୟୀ, ମୋହିତ ସ୍କୁଟି(ସିଜି୧୮–ଏସ୍–୩୧୩୭) ଯୋଗେ ଡାଇକ୍–୩ ଅଞ୍ଚଳରୁ ବାଲିମେଳା ଛକ ରାସ୍ତା ଦେଇ ଦନ୍ତେୱାଡା ଅଞ୍ଚଳକୁ ଗଞ୍ଜେଇ ଚାଲାଣ କରୁଥିଲେ। ଖବର ପାଇ ଓର୍କେଲ ଥାନାଧିକାରୀ ଧିରେନ୍ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ମନୋହର ସାହୁଙ୍କ ନେତୃତ୍ୱରେ ଟିମ୍ ବାଲିମେଳା ଛକରେ ପାଟ୍ରୋଲିଂ କରିଥିଲେ। ଚିତ୍ରକୋଣ୍ଡା ତଥା ନାକାମାମୁଡି ଘାଟି ରାସ୍ତାରୁ ବାଲିମେଳା ଛକ ଦେଇ ଯାଉଥିବା ସ୍କୁଟି ଚାଳକଙ୍କୁ ସନ୍ଦେହ କରି ଅଟକାଇଥିଲେ। ସ୍କୁଟି ଡିକିରୁ ପ୍ରାୟ ୭ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏ ନେଇ ଥାନାରେ ନଂ.୮୮/୨୦୨୬ରେ ଏକ ମାମଲା ରୁଜୁ କରାଯାଇଥିଲା। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏସ୍ଆଇ ଅଜିତ ସିଂ ବରିହା ତଦନ୍ତ କରୁଛନ୍ତି।

# ଗ୍ୟାସ୍, ପେଟ୍ରୋଲ, ଡିଜେଲକୁ ନେଇ ଭୟଭୀତ ନ ହେବାକୁ ପରାମର୍ଶ

### ଜିଲା ସଙ୍କଟକାଳୀନ ପରିଚାଳନା କମିଟି ବୈଠକ

ନବରଙ୍ଗପୁର,୩୧।୩(ସଦାଶିବ ପ୍ରହରାଜ)

ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ନବରଙ୍ଗପୁର ଜିଲା ସଙ୍କଟକାଳୀନ ପରିଚାଳନା କମିଟିର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର ଉପସ୍ଥିତ ଥିଲେ । ଜିଲାରେ ଏଲପିଜି ଗ୍ୟାସ୍, ପେଟ୍ରୋଲ, ଡିଜେଲ ଭଳି ଅତି ଆବଶ୍ୟକ ସାମଗ୍ରୀର ଉପଲବ୍ଧ ସମ୍ପର୍କରେ ନିୟମିତ ଅନୁଧ୍ୟାନ ସମ୍ପର୍କରେ ଗୃହରେ ଆଲୋଚନା ହୋଇଥିଲା। ଜିଲାରେ ଗ୍ୟାସ୍ ସିଲିଣ୍ଡର ଯଥେଷ୍ଟ ମହଜୁଦ ରହିଛି ଏବଂ ନିୟମ ଅନୁସାରେ ବିତରଣ କରାଯାଉଛି । ଏଣୁ ଜନସାଧାରଣ ବ୍ୟସ୍ତ ନ ହୋଇ କୌଣସି ଗୁଜବକୁ ବିଶ୍ୱାସ ନ କରି ପ୍ରଶାସନ ଉପରେ ଭରସା ରଖିବାକୁ ଜିଲାପାଳ କହିଥିଲେ।

ଜିଲା ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତିଙ୍କ ସୂଚନା ଅନୁସାରେ ମଙ୍ଗଳବାର ସୁଦ୍ଧା ଏଚ୍‌ପିସିଏଲ୍‌ର ୯୪୨, ଆଇଓସିଏଲ୍‌ର ୨୧୭୪ ଏବଂ ବିପିସିଏଲ୍‌ର ୯୩୫ଟି ଗ୍ୟାସ୍ ସିଲିଣ୍ଡର ମହଜୁଦ ରହିଛି। ବର୍ତ୍ତମାନ ପଞ୍ଜୀକୃତ ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାରକାରୀଙ୍କୁ ରନ୍ଧନ ଗ୍ୟାସ୍ ବିତରକଙ୍କ ଦ୍ୱାରା ଯୋଗାଇ ଦିଆଯାଉଛି। ବେଆଇନ ମହଜୁଦକାରୀ, କଳାବଜାରକାରୀ ଓ ଅତ୍ୟଧିକ ଦର ବୃଦ୍ଧିକରି ସିଲିଣ୍ଡର ବିକ୍ରୟ କରୁଥିବା ଅସାଧୁ ବ୍ୟବସାୟୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳ ସିଏସ୍ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ୟାସ୍ କଳାବଜାର ଓ ଅସାଧୁ ବ୍ୟବସାୟୀଙ୍କ ଉପରେ ଦୃଷ୍ଟି ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନେବାକୁ ଏସିଏସଓ,ଏମ୍ଆଇ ଏବଂ ମାଜିଷ୍ଟ୍ରେଟ ଅଧିକାରୀଙ୍କୁ ନେଇ ସ୍କ୍ୱାଡ୍ ଗଠନ କରିବା ପାଇଁ ସିଏସ୍ଓଙ୍କୁ ଜିଲାପାଳ କହିଥିଲେ। ସେହିଭଳି ଜିଲା ପେଟ୍ରୋଲ, ଡିଜେଲ ପମ୍ପ ନିକଟରେ ଯଥେଷ୍ଟ ପରିମାଣରେ ପେଟ୍ରୋଲ ଓ ଡିଜେଲ ମହଜୁଦ ରହିଛି ବୋଲି ସିଏସ୍ଓ ସୂଚନା ଦେଇଥିଲେ। ଯେଉଁ ଅସାମାଜିକ ବ୍ୟକ୍ତି ଗୁଜବ ମାଧ୍ୟମରେ ଭୟର ବାତାବରଣ ସୃଷ୍ଟି କରୁଛନ୍ତି ସେଭଳି ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ସାମାଜିକ ଗଣମାଧ୍ୟମ ଉପରେ ବିଶେଷ ନଜର ରଖିବାକୁ ଡିଆଇପିଆର୍‌ଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲା ନିୟନ୍ତ୍ରଣ କକ୍ଷ ନମ୍ବର ୦୬୮୫୮୨୯୫୪୨୪ରେ ଗ୍ୟାସ୍ ଜନିତ କଳାବଜାର ଓ ଅସାଧୁ ବ୍ୟବସାୟୀଙ୍କ ଉପରେ ସୂଚନା ଦେଲେ ତତ୍‌କ୍ଷଣାତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

### ୭୭ ଏଲ୍‌ପିଜି ଗ୍ୟାସ ସିଲିଣ୍ଡର ଜବତ

ନବରଙ୍ଗପୁର,(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ଏଲପିଜି ଗ୍ୟାସ ସିଲିଣ୍ଡର କଳାବଜାର ରୋକିବା ପାଇଁ ଜିଲା ଯୋଗାଣ ବିଭାଗ ଅଧିକାରୀ ବିଭିନ୍ନ ହୋଟେଲ, ବ୍ୟବସାୟୀଙ୍କ ଘର ଓ ଦୋକାନ ଉପରେ ଚଢ଼ାଉ କରି ଦିନକରେ ୭୭ ଟି ଏଲପିଜି ଗ୍ୟାସ ସିଲିଣ୍ଡର ଜବତ କରିଛନ୍ତି । ନବରଙ୍ଗପୁର ସହରର ଗାନ୍ଧୀନଗରର ଏକ ଜଳଖିଆ ଦୋକାନରୁ ୨୮ଟି, ଉମରକୋଟରେ ୨ଜଣଙ୍କ ଠାରୁ ୪୨ଟି, ପାପଡାହାଣ୍ଡିରେ ଜଣଙ୍କଠାରୁ ୭ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି । ସେମାନଙ୍କ ବିରୋଧରେ ଅତି ଆବଶ୍ୟକ ସାମଗ୍ରୀ ଆଇନ ଅନୁଯାୟୀ କୋର୍ଟରେ ମାମଲା ରୁଜୁ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି କହିଛନ୍ତି । ଜିଲା ଯୋଗାଣ ବିଭାଗ ପକ୍ଷରୁ ଏଯାଏଁ ୧୦୧ ଟି ଏଲପିଜି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି ।



ବୈଠକରେ ଜିଲାପାଳ, ଯୋଗାଣ ଅଧିକାରୀ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

## କମର୍ସିଆଲ ଗ୍ୟାସ୍ ସଙ୍କଟ: ବ୍ୟବସାୟୀଙ୍କ ଜୀବିକା ପ୍ରଭାବିତ

### ଉଠାଦୋକାନୀ ସଂଘର ଦାବିପତ୍ର

ନବରଙ୍ଗପୁର,(ସଦାଶିବ ପ୍ରହରାଜ)

କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ଯୋଗାଣ ବନ୍ଦ ହେବାରୁ ଛୋଟ ବଡ଼ ହୋଟେଲ, ଢାବା, ଟିଫିନ୍ ସେଣ୍ଟର ଓ ଅନ୍ୟାନ୍ୟ ଖାଦ୍ୟ ବ୍ୟବସାୟୀ ବିଭିନ୍ନ ସମସ୍ୟାରେ ପଡ଼ିଛନ୍ତି। ଏହି ସଂକଟ କେବଳ ବ୍ୟବସାୟକୁ ନୁହେଁ, ଅନେକ ପରିବାରର ଜୀବିକାକୁ ସିଧାସଳଖ ପ୍ରଭାବିତ କରୁଛି ବୋଲି ନବରଙ୍ଗପୁର ଜିଲା ଉଠାଦୋକାନୀ ସଂଘ ପକ୍ଷରୁ ଜିଲା ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । କମର୍ସିଆଲ ଗ୍ୟାସ୍ ନ ମିଳିବାରୁ କେତେଜଣ ବ୍ୟବସାୟୀ ବାଧ୍ୟହୋଇ ଘରୋଇ ସିଲିଣ୍ଡର ବ୍ୟବହାର କରୁଛନ୍ତି। କିନ୍ତୁ ଏହାକୁ ଅବୈଧ ବୋଲି ଦର୍ଶାଯାଇ ଯୋଗାଣ ବିଭାଗ ତରଫରୁ ଚଢ଼ାଉକରି ସିଲିଣ୍ଡର ଜବତ କରାଯାଉଛି। ଏହି ପରିସ୍ଥିତିରେ ଆମେ କିଭଳି ବଞ୍ଚିବୁ ବୋଲି ଉଠା ଦୋକାନୀ ସଂଘ ପ୍ରଶ୍ନ ଉଠାଇଛି। ବର୍ତ୍ତମାନ ଅସୁବିଧାକୁ ଦୃଷ୍ଟିରେ ରଖି ସରକାରଙ୍କ ତରଫରୁ କିଛି ଅସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରାଯିବା ଦରକାର ବୋଲି ଦାବି ହୋଇଛି।

## ପଲ୍ଲିସଭା ବର୍ଜନ ପାଇଁ ସମିତି ସଭ୍ୟ ସଂଘର ନିଷ୍ପତ୍ତି

ଉମରକୋଟ,୩୧।୩ (ସନ୍ତୋଷ ସତପଥୀ)

ଦୀର୍ଘ ୨ ବର୍ଷ ହେଲାଣି ଗ୍ରାମସଭା ଓ ପଲ୍ଲି ସଭାରେ ହେଉଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଉ ନ ଥିବା ନେଇ ସୋମବାର ସରପଞ୍ଚ ସଂଘ ଅଭିଯୋଗ କରିବା ପରେ ମଙ୍ଗଳବାର ଉମରକୋଟ ବ୍ଲକ ସମିତି ସଭ୍ୟ ସଂଘ ପକ୍ଷରୁ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଆସନ୍ତା ଏପ୍ରିଲ ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପଲ୍ଲି ସଭା ଓ ଗ୍ରାମ ସଭା ବର୍ଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ସଂଘ ପକ୍ଷରୁ ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝୀ, ଉପାଧ୍ୟକ୍ଷ ଶ୍ୟାମଳ ସରକାରଙ୍କ ସମେତ ୧୮ରୁ ଊର୍ଦ୍ଧ୍ୱ ସମିତି ସଭ୍ୟ ସ୍ୱାକ୍ଷରିତ ସମ୍ବଳିତ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ପଲ୍ଲି ସଭା ଓ ଗ୍ରାମ ସଭା କରି ଖସଡ଼ା ପ୍ରସ୍ତୁତ କରି ପଠାଇଲା ପରେ ଏହା ଅନୁମୋଦନ ହୋଇ ଟଙ୍କା ଆସୁଛି । ଏହାର ଖର୍ଚ୍ଚ କରିବାକୁ ଅଧ୍ୟକ୍ଷ ଓ ସମିତି ସଭ୍ୟଙ୍କ କ୍ଷମତା ଥିଲେ ମଧ୍ୟ ଶାସକ ଦଳର ଠିକାଦାରମାନେ ଏହା ଆମର ଅର୍ଥ କହି ନିଜେ ସବୁ କାର୍ଯ୍ୟ କରୁଛନ୍ତି। ବିଡିଓ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ଧମକ ଦେଇ କାର୍ଯ୍ୟ ବନ୍ଦ କରି ଦେଉଛନ୍ତି ଓ ଶାସକ ଦଳକୁ ସୁହାଇଲା ପରି କାର୍ଯ୍ୟ କରୁଥିବା ପତ୍ରରେ ଉଲ୍ଲେଖ ରହିଛି।

## କୈବର୍ତ୍ତ ସମାଜର ଠାକୁରାଣୀ ଯାତ୍ରା

କୋରୁକୋଣ୍ଡା,୩୧।୩(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହରର କୈବର୍ତ୍ତ ସମାଜ ପକ୍ଷରୁ ବାଲିମେଳା କୈବର୍ତ୍ତ ସମାଜ ସଭାପତି ନିରଞ୍ଜନ ବେହେରା ଓ ସମ୍ପାଦକ ଚୂଡ଼ାମଣି ବେହେରାଙ୍କ ନେତୃତ୍ୱରେ ରୀତିନୀତି ଅନୁଯାୟୀ ଠାକୁରାଣୀଙ୍କ ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲିମେଳା ସହରର ଦୈନିକ ବଜାରଠାରୁ ସମାଜର ଶତାଧିକ ମହିଳା ଓ ପୁରୁଷ ପଟୁଆରରେ ମୁଣ୍ଡରେ ମୁଆଁ ଦେବୀ ଦେବତାଙ୍କୁ ନେଇ ଶୋଭାଯାତ୍ରାରେ ବାହାରି ବିଭିନ୍ନ ପ୍ରକାର ବାଦ୍ୟ ଓ ନୃତ୍ୟର ତାଳେ ତାଳେ ସହର ପରିକ୍ରମା କରିଥିଲେ।



ଠାକୁରାଣୀଙ୍କ ଦର୍ଶନ ପାଇଁ ବାଲିମେଳା ସହରର ବିଭିନ୍ନ ସ୍ଥାନରେ ଶତାଧିକ ଦର୍ଶକଙ୍କ ଭିଡ଼ ଜମିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଓର୍କେଲ ଥାନାଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ଏମ୍‌ଭି–୩୬ ଗାଁରେ ବାରୁଣୀ ମେଳା

କୋରୁକୋଣ୍ଡା,୩୧।୩(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତ ଅଧୀନ ଏମ୍‌ଭି–୩୬ ଗ୍ରାମରେ ସୋମବାରଠାରୁ ହରିଚାନ୍ଦ ଠାକୁରଙ୍କ ଜନ୍ମ ଉତ୍ସବ ଅବସରରେ ପୂଜା କମିଟି ସଭାପତି ହରିଦାସ ବିଶ୍ୱାସ, ଉପସଭାପତି ସଂଜିତ ଦାସ, ସମ୍ପାଦକ ରବୀନ୍ଦ୍ର ନାଥ ସରକାର ଓ କୋଷାଧ୍ୟକ୍ଷ ବିରେଶର ଢ଼ାଲିଙ୍କ ନେତୃତ୍ୱରେ ବାରୁଣୀ ମେଳା ଆରମ୍ଭ ହୋଇଛି। ଏହି ଅବସରରେ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଇ ପ୍ରବଚନ ଓ ସଂକୀର୍ତ୍ତନ କରାଯାଇଛି। ଦର୍ଶନ ପାଇଁ ଏମଭି–୩୬ ଗ୍ରାମବାସୀ,ଆଖପାଖ ଗ୍ରାମର ଶତାଧିକ ଲୋକଙ୍କ ଭିଡ ଜମିଥିଲା।

## ନିର୍ମାଣ ଶ୍ରମିକ ପଞ୍ଜୀକରଣ, ସଚେତନତା ଶିବିର



ଶିବିରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ମାଲକାନଗିରି,୩୧।୩
(ଗୌରିଶଙ୍କର ପଣ୍ଡା/ସୁଚିତ୍ରା ଦାସ)

ଓଡ଼ିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ ବୋର୍ଡ ଅଧୀନ ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ଝରାପାଲି ପଞ୍ଚାୟତରେ ଏକ ଶ୍ରମିକ ପଞ୍ଜିକରଣ, ନବୀକରଣ ଓ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା ଓ ସହକାରୀ ଶ୍ରମ ଅଧିକାରୀ ତନ୍ମୟ ମଣ୍ଡଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଶିବିରରେ ମୋଟ ୧୩୭ ନିର୍ମାଣ ଶ୍ରମିକ ଯୋଗଦେଇଥିଲେ। ସେଥିରୁ ୪୧ ନୂତନ ଶ୍ରମିକଙ୍କୁ ଅନଲାଇନ ମାଧ୍ୟମରେ ପଞ୍ଜୀକରଣ କରାଯାଇଛି। ୬୧ରୁ ଊର୍ଦ୍ଧ୍ୱ ପୁରୁଣା ଶ୍ରମିକଙ୍କ କାର୍ଡ ନବୀକରଣ କରାଯାଇଛି। ଏଥିସହ ଅଚଳ ଶ୍ରମ କାର୍ଡଗୁଡ଼ିକୁ ସକ୍ରିୟ କରାଯାଇଥିଲା। ଜନଜାତି ବହୁଳ ଅଞ୍ଚଳର ଶ୍ରମିକମାନଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ପାଇଁ ଏହି ପଦକ୍ଷେପ ନିଆଯାଇଛି। ଶିବିରରେ ନିର୍ମାଣ ଶ୍ରମିକ, ପ୍ରବାସୀ ଶ୍ରମିକ ଓ ଅଣସଙ୍ଗଠିତ ଶ୍ରମିକମାନଙ୍କୁ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ନେଇ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଶ୍ରମ କାର୍ଯ୍ୟାଳୟ କର୍ମଚାରୀ ଚିନ୍ମୟ ରାଉତରାୟ, ବିଜୟ ନନ୍ଦ ପଣ୍ଡା ଓ ସୋନାଲି ରାୟ ସହଯୋଗ କରିଥିଲେ।

## କାଳବୈଶାଖୀ ପ୍ରଭାବରେ ଭାଙ୍ଗିଲା ୩ ଘର

କୋରୁକୋଣ୍ଡା,୩୧।୩(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅଧୀନ ନାକାମାମୁଡି ପଞ୍ଚାୟତର ବିଭିନ୍ନ ଗ୍ରାମରେ କଳାବୈଶାଖୀ ପ୍ରଭାବରେ କ୍ଷୟକ୍ଷତି ହୋଇଛି। ପବନ ଓ ବର୍ଷା ଯୋଗୁ ଗୋପୀଗୁଡ଼ ଓ ଖଡ଼ିକାଯୋଡି ଗ୍ରାମର ପ୍ରାୟ ୩ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିବା ସହ କିଛି ଘରର ଛପର ଉଡିଯାଇଛି। ଗୋପିଗୁଡା ଗ୍ରାମର ଗୌରାଙ୍ଗ ମାଝୀ ଓ ଭଗବାନ ମାଝୀଙ୍କ ଘର ଭାଙ୍ଗିଯାଇଛି। ଖଡ଼ିକାଯୋଡି ଗାଁର କମଳା ହନ୍ତାଳଙ୍କ ଘରର ଛପର ସମ୍ପୂର୍ଣ୍ଣ ଉଡିଯାଇଛି। ବହୁ ସ୍ଥାନରେ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। ସ୍ଥାନୀୟ ଲୋକଙ୍କ



ସହାୟତାରେ ଗଛଗୁଡିକୁ କାଟି ସଫା କରାଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ଏ ସମ୍ପର୍କରେ ସୂଚନା ପାଇବା ପରେ ନାକାମାମୁଡି ପଞ୍ଚାୟତ ରାଜସ୍ୱ ନିରୀକ୍ଷକ ମିନତୀ ବେହେରା ମଙ୍ଗଳବାର ଗ୍ରାମଗୁଡ଼ିକରେ କ୍ଷୟକ୍ଷତିର ଆକଳନ କରିଛନ୍ତି।

## ଜିଲାପାଳଙ୍କ ପିଏଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି,୩୧।୩(ସୁଚିତ୍ରା ଦାସ)

ମାଲକାନଗିରି ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ଏଫଏଲସି ହଲ୍‌ରେ ଆୟୋଜିତ ସଭାରେ ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଅତିରିକ୍ତ ଜିଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ଉପସ୍ଥିତ ଥିଲେ। ସହକର୍ମୀମାନେ ପ୍ରକାଶଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି ବୈଠକ

ମାଲକାନଗିରି,୩୧।୩(ସୁଚିତ୍ରା ଦାସ)

ମାଲକାନଗିରି ଏମ୍‌ୟୁଜେ ସଂଘ ପରିସରରେ ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମାଲକାନଗିରି ସଂସ୍କୃତି ଭବନରେ ହେବାକୁ ଥିବା 'ମୁରବି'ର 'ପରିବାର ସହିତ ପ୍ରିମିୟର' ସ୍କ୍ରିନିଂକୁ ନିମନ୍ତ୍ରଣ କରିଥିଲେ। ୧୪ ଏପ୍ରିଲରେ ମୁରବି ଫିଲ୍ମ ମୁକ୍ତିଲାଭ କରିବ ବୋଲି ଟିମ୍ ମାଲକାନଗିରି ଜିଲାବାସୀଙ୍କ ଉତ୍ସାହ ଓ ଆଶୀର୍ବାଦ କାମନା କରିଛନ୍ତି। ବୈଠକରେ ମୁରବି ଫିଲ୍ମ ଲେଖକ ଓ ପ୍ରଯୋଜକ ବିଶାଲ ମୌର୍ଯ୍ୟ, ସହ ପ୍ରଯୋଜକ ସୁମନ୍ତ ବୈରାଗୀ, ସହ ପ୍ରଯୋଜକ ଓ ସଙ୍ଗୀତ ନିର୍ଦ୍ଦେଶକ ଅଗ୍ନି ମିତ୍ର, ଗୀତିକାର ଓ ସଂଳାପ କାର ପି.ସନ୍ତୋଷ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକ ସନଧର ମାଝୀ ନିଲମ୍ବିତ

### ନକଲି ସାର୍ଟିଫିକେଟରେ ଚାକିରି ଘଟଣା

ନବରଙ୍ଗପୁର, ୩୧।୩(ସଦାଶିବ ପ୍ରହରାଜ)

ନକଲି ସାର୍ଟିଫିକେଟରେ ଚାକିରୀ କରିବା ଘଟଣାରେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ କୁର୍ଷି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ସନଧର ମାଝୀଙ୍କୁ ନିଲମ୍ବିତ କରାଯାଇଛି। ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ନିର୍ଦ୍ଦେଶକ୍ରମେ ଉମରକୋଟ ବିଇଓ ଈଶ୍ୱର ଚନ୍ଦ୍ର ମାଝି ୩୦ ତାରିଖ ଚିଠି ନମ୍ବର ୮୩୮ ଅନୁଯାୟୀ ଶିକ୍ଷକ ସନଧରଙ୍କୁ ନିଲମ୍ବିତ କରିଛନ୍ତି। ନିଲମ୍ବନ ପରେ ମୁର୍ତ୍ତୁମା ନୋଡାଲ ସରକାରୀ ହାଇସ୍କୁଲଠାରେ ତାଙ୍କୁ ଅବସ୍ଥାପିତ କରାଯାଇଥିବା ସୂଚନା ମିଳିଛି।

ଉମରକୋଟ ବ୍ଲକ କୁର୍ଷି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସନଧର ମାଝୀ ପ୍ରାଥମିକ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପଢ଼ାଉଥିଲେ। ତେବେ ତାଙ୍କ ଯୁକ୍ତ ଦୁଇ ସାର୍ଟିଫିକେଟ ନକଲି ବୋଲି ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସାର୍ଟିଫିକେଟ ଯାଞ୍ଚ ପାଇଁ ବୋର୍ଡ଼କୁ ପଠାଯାଇଥିଲା। ବୋର୍ଡରୁ ନକଲି ସାର୍ଟିଫିକେଟ ବୋଲି ରିପୋର୍ଟ ପାଇବା ପରେ ଜିଲା ଶିକ୍ଷା ଅଧିକାରୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଉମରକୋଟ ବିଇଓ ମାଝି ଶିକ୍ଷକଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ। ଏ ନେଇ ଉମରକୋଟ ଥାନାରେ ୮୦/୨୬ରେ ଏକ ମାମଲା ରୁଜୁକରି ପୋଲିସ ଅଧିକ ତଦନ୍ତ ଚଳାଇଛି ।

## ମା' ଠାକୁରାଣୀଙ୍କ କଳସ ଯାତ୍ରା ଶେଷ



ଡାବୁଗାଁ, ୩୧।୩ (ପ୍ରଜ୍ଞାରଞ୍ଜନ ପରିଡା)

ଡାବୁଗାଁ ବ୍ଲକ ସଦର ମହକୁମାଠାରେ ୯ ଦିନ ବ୍ୟାପି ଚାଲିଥିବା ମା' ଠାକୁରାଣୀଙ୍କ କଳସ ଯାତ୍ରା ମଙ୍ଗଳବାର ଶେଷ ହୋଇଛି। ଠାକୁରାଣୀଙ୍କ କଳସୀ ମଣ୍ଡପରେ ପୂଜାର୍ଚ୍ଚନା ପରେ ଅପରାହ୍ନରେ ମା ଠାକୁରାଣୀଙ୍କ ଘଟ ସହ ଲାଠି, କୁର୍ଚ୍ଚି ଆଦି କଳସୀ ମଣ୍ଡପଠାରୁ ଶୋଭାଯାତ୍ରା ବାହାରି ବାଜା ରୋଷଣୀରେ ମା ଠାକୁରାଣୀଙ୍କ ମନ୍ଦିରକୁ ଯାଇଥିଲେ। ପ୍ରାୟ ୩୦ ଯୁବତୀ ମୁଣ୍ଡରେ କଳସ ବୋହି ମନ୍ଦିରକୁ ଯାଇ ସେଠାରେ ପୋଖରୀରେ ବୁଡ ପକାଇଥିଲେ। ଏଥିରେ କମିଟି ସଭାପତି ସତ୍ୟ ରଞ୍ଜନ ପାତ୍ର, ଉପସଭାପତି ପାପନ୍ନା ରେଲିଙ୍କ ସହ କମିଟି ସଭ୍ୟମାନେ ଉପସ୍ଥିତ ଥିଲେ । ଶୋଭାଯାତ୍ରାରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବିଜେଡି ନେତା ଏମ. ଆପ୍ପା ରାଓ, ସୁରେନ୍ଦ୍ର କୁମାର ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ ।

## ଚାରାରୋପଣରେ ଦୁର୍ନୀତି ନେଇ ବିଜେଡିର ଅଭିଯୋଗ

ନବରଙ୍ଗପୁର,୩୧।୩(ସଦାଶିବ ପ୍ରହରାଜ)

ବନ ବିଭାଗ ପକ୍ଷରୁ କରାଯାଇଥିବା ଚାରା ରୋପଣ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ବିଜେଡି ଅଭିଯୋଗ କରିଛି। ବିଜେଡିର ଏକ ସ୍ୱତନ୍ତ୍ର ଟିମ ନେଇ ମଙ୍ଗଳବାର ନବରଙ୍ଗପୁର ଭିଜିଲାନ୍ସ ଡିଏସ୍‌ପି ଜୟଶ୍ରୀ ପ୍ରଧାନଙ୍କୁ ଅଭିଯୋଗ କରିଛନ୍ତି । ବନ ବିଭାଗ ପକ୍ଷରୁ ନନ୍ଦାହାଣ୍ଡି ବ୍ଲକର ଜଗନ୍ନାଥପୁର, ଧୋଡ୍ରା, ଦହଣା, ସିନ୍ଧିଗୁଡା ଓଠାରେ ୨୫ ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ଏମଜିଏନଆରଇଜିଏସ ଯୋଜନାରେ ବୃକ୍ଷ ରୋପଣ କରାଯାଇଥିବା ଦର୍ଶାଇ ପ୍ରାୟ ୨ କୋଟି ଟଙ୍କାର ଦୁର୍ନୀତି କରାଯାଇଥିବା ଅଭିଯୋଗ କରିବା ସହ ବିଭିନ୍ନ କାଗଜପତ୍ର ଓ ଭିଡିଓ ପ୍ରଦାନ କରିଛନ୍ତି। ପୂର୍ବରୁ ମଧ୍ୟ ଏହାକୁ ନେଇ ପୂର୍ବତନ ଏମ୍‌ପି ତଥା ବିଜେଡି ନେତା ପ୍ରଦୀପ ମାଝୀ ଖବରଦାତା ସମ୍ମିଳନୀ କରିଥିଲେ। ତେବେ ମଙ୍ଗଳବାର ବିଜେଡିର ଏକ ଟିମ ସମସ୍ତ ତଥ୍ୟ ସହ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଛନ୍ତି। ଭିଜିଲାନ୍ସ ଡିଏସ୍‌ପି ପ୍ରଧାନ ଏହାର ତଦନ୍ତ କରିବେ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବିଜେଡି ନଗର ସଭାପତି ସୀମାଞ୍ଚଳ ପାଢ଼ୀ, ଉତ୍ତମ ତ୍ରିପାଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ସଡ଼କ ସୁରକ୍ଷା ନେଇ ଲୋକଙ୍କୁ ସଚେତନତା



ପୋଲିସ କର୍ମଚାରୀ ଲୋକଙ୍କୁ ହେଲମେଟ ପିନ୍ଧିବାକୁ ସଚେତନ କରୁଛନ୍ତି।

ଖଇରପୁଟ,୩୧।୩
(ଅଶୋକ କୁମାର ପରିଡ଼ା/ଜଗନ୍ନାଥ ମାଝି)

ମାଲାକନଗିରି ଜିଲା ଖଇରପୁଟ ବ୍ଲକ ଅଧୀନ ମୁଦୁଲିପଡ଼ା ଥାନା ପୋଲିସ ସଡ଼କ ସୁରକ୍ଷା ଅଭିଯାନରେ ଜନସାଧାରଣଙ୍କୁ ହେଲମେଟ ପିନ୍ଧିବାକୁ ସଚେତନ କରିଛି। ମୁଦୁଲିପଡା ପୋଲିସ କର୍ମଚାରୀ ବିଭିନ୍ନ ବେଷଭୁଷା ଧାରଣ କରି ସଡ଼କ ସୁରକ୍ଷା ନେଇ ରାସ୍ତାରେ ଲୋକଙ୍କୁ ସଚେତନ କରି ହେଲମେଟ ନ ପିନ୍ଧିଲେ କ'ଣ ଅସୁବିଧା ହେବ ବୁଝାଇଥିଲେ। କୌଣସି ବ୍ୟକ୍ତି ହେଲମେଟ ନ ପିନ୍ଧିଲେ ତାଙ୍କୁ ଜରିମାନା ଭରିବାକୁ ପଡିବ ଆଦି ସଚେତନ କରିଥିଲେ।

## ଟ୍ରାନ୍ସଜେଣ୍ଡର ଅଧିକାର ଦିବସ ପାଳିତ

ମାଲକାନଗିରି,୩୧।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ସଙ୍ଗଠନ ପକ୍ଷରୁ ଟ୍ରାନ୍ସଜେଣ୍ଡର ଅଧିକାର ଦିବସ ପାଳିତ ହୋଇଛି। ଏହି ଅବସରରେ ସଚେତନତା କାର୍ଯ୍ୟକ୍ରମ, ସଭା ଓ ରାଲି କରାଯାଇଛି। ସମାଜରେ ଟ୍ରାନ୍ସଜେଣ୍ଡର ସମୁଦାୟ ଅବହେଳିତ ହୋଇ ଶିକ୍ଷା, ଚାକିରି ଓ ସ୍ୱାସ୍ଥ୍ୟ ସେବାରେ ସମାନ ସୁଯୋଗ ପାଇବାକୁ ନିରନ୍ତର ଦାବି ଜଣାଉଛନ୍ତି। ଟ୍ରାନ୍ସଜେଣ୍ଡରଙ୍କ ଅଧିକାରକୁ ସମ୍ମାନ ଦେବା, ସମାଜରେ ସମାନତା ଓ ସ୍ୱୀକୃତି ବୃଦ୍ଧି କରିବା ଏହାର ମୂଳ ଲକ୍ଷ୍ୟ। ମାଲକାନଗିରି ଜିଲାରେ ଏଯାଏ ୭୫ଜଣଙ୍କ ନାମ ପଞ୍ଜୀକରଣ ହୋଇଛି। ସେମାନେ ଭତ୍ତା, ଚାଉଳ ଜମି ଓ ଗ୍ରୁପ ମାଧ୍ୟମରେ ୫୦ହଜାର ଟଙ୍କା ଲେଖାଏ ସହଯୋଗ ପାଇଛନ୍ତି । ବାଲିମେଳାରେ ୧୨ଜଣଙ୍କୁ ଘର ତିଆରି ପାଇଁ ଜମି ଦିଆଯାଇଛି । ସେମାନେ ସଭା ସମିତି କରିବା ପାଇଁ କମ୍ୟୁନିଟୀ ହଲ ଦାବି କରିଛନ୍ତି। ଏ ନେଇ ଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରିବୁ ବୋଲି ରାଜେଶ ପୂଜାରୀ ଉପଖଣ୍ଡ ସାମାଜିକ ସୁରକ୍ଷା କହିଛନ୍ତି। ସମାଜର ସମସ୍ତ ଶ୍ରେଣୀର ଲୋକଙ୍କୁ ସମାନତା ଓ ମାନବିକତା ସନ୍ଦେଶ ଦିଆଯାଇଛି।

## ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ବିଜେଡିର ଦାବିପତ୍ର

ମାଲକାନଗିରି,୩୧।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ବିଭିନ୍ନ ସମସ୍ୟାକୁ ନେଇ ବିଜେଡି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସମାଡକାମିଙ୍କ ଅଧ୍ୟକ୍ଷତାରେ ଲାଠିଆଗୁଡାସ୍ଥିତ ବିଜେଡି କାର୍ଯ୍ୟାଳୟ ଗୃହରେ ଖବରଦତା ସମ୍ମିଳନୀ ହୋଇଛି। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ବ୍ଲକ ଅଧ୍ୟକ୍ଷା ଗୌରୀ ପଡିଆମି, ପୌର ପରିଷଦ ଉପାଧ୍ୟକ୍ଷା କବିତା ମହନ୍ତ, ବରିଷ୍ଠ ବିଜେଡି ନେତା ଗୋପାଳକୃଷ୍ଣ ପଣ୍ଡା, ଘନଶ୍ୟାମ ମାଡକାମି ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଭାବେ ନିଯୁକ୍ତ ଜିଲା ମହିଳା ନେତ୍ରୀ ସମାରି ଟାଙ୍ଗୁଲ ଓ ଜିଲା ଯୁବ ସଭାପତି ଶ୍ରୀନିବାସ ମୁଦୁଲି,



ଖବରଦାତା ସମ୍ମିଳନୀରେ ବିଜେଡି କର୍ମୀମାନେ।

ଛାତ୍ର ସଭାପତି ସୁବ୍ରତ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଫ୍ଆର୍ଏ ପଟ୍ଟା ବଣ୍ଟନ ବନ୍ଦ କରି ପଞ୍ଚମ ଅନୁସୂଚିତ ଅଞ୍ଚଳକୁ ଉପେକ୍ଷା, ଧାନମଣ୍ଡି ଅବ୍ୟବସ୍ଥା, ଆଇଟିଡିଏକୁ ଠିକା ସଂସ୍ଥା କରାଯାଇଥିବା, ଆର୍‌ଡି ବିଭାଗ କାର୍ଯ୍ୟ ନିମ୍ନମାନର, ଶିକ୍ଷା ବ୍ୟବସ୍ଥା ଭୁଷୁଡିଥିବା, ଲଘୁ ଖଣିର ହରିଲୁଟ ଆଦି ବିଭିନ୍ନ ସମସ୍ୟା ସମାଧାନ କରିବାକୁ ଜିଲାପାଳଙ୍କୁ ଦାବି କରାଯାଇଛି। ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ବିଜେଡି ରାସ୍ତାରେ ଧାରଣା ଦେବ ବୋଲି ଚେତାବନୀ ଦିଆଯାଇଛି।

# ବାଲ୍ୟବିବାହ ଦୂରୀକରଣ ଆଇନ ସଚେତନତା ଶିବିର

**ଜୟପୁର,୩୧।୩(ପବନ ପାଣିଗ୍ରାହୀ)**

ଜୟପୁରସ୍ଥିତ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ବାଲ୍ୟବିବାହ ଦୂରୀକରଣ ପାଇଁ ମକାପୁଟ ସରକାରୀ ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ଡ. ବି.ଗାୟତ୍ରୀ ଦେବୀ, ଚିଫ ଲିଗାଲ ଏଡ ଡିଫେନ୍ସ କାଉନସେଲ ପ୍ରମୋଦ କୁମାର ଦାଶ, ଡେପୁଟି ଲିଗାଲ ଏଡ୍ ଡିଫେନ୍ସ କାଉନସେଲ କେ. ଦିବାକର ରାଓ ଓ ପ୍ରଧାନଶିକ୍ଷକ ରାଜକିଶୋର ପାଇକରାଏ ପ୍ରମୁଖ ଯୋଗଦେଇଥିଲେ। ନାଲସା ଆଶା(ସଚେତନତା, ସମର୍ଥନ, ସାହାଯ୍ୟ ଓ କାର୍ଯ୍ୟ) ବାଲ୍ୟବିବାହ ପୀଡ଼ିତମାନଙ୍କୁ ରୋକିବା, ସୁରକ୍ଷା ଦେବା ଓ ପୁନର୍ବାସ କରିବା ଏହାର ଲକ୍ଷ୍ୟ। ଅବ୍ୟାହତ ବିବାହ ସମୟରେ ଶିଶୁ ଥିବା ଚୁକ୍ତିନାମାକାରୀ ପକ୍ଷରୁ ଇଚ୍ଛାରେ ବାଲ୍ୟବିବାହ ବାତିଲ କରାଯାଇପାରିବ। ସାବାଳକ ହେବାର ୨ ବର୍ଷ ମଧ୍ୟରେ ବିବାହ ବାତିଲ ପାଇଁ ଆବେଦନ ଦାଖଲ କରାଯାଇପାରିବ। ଯଦି ପିଲାଙ୍କୁ ମାତାପିତାଙ୍କ ହେପାଜତରୁ ନିଆଯାଇ ପ୍ରଲୋଭିତ କରାଯାଇଥାଏ ଓ ବିକ୍ରି କରାଯାଇଥାଏ କିମ୍ବା ବିବାହ ପାଇଁ ଚାଲାଣ କରାଯାଏ ଏହାକୁ ଅବ୍ୟାହତ ବୋଲି ବିବେଚନା କରାଯାଏ। ଆଇନରେ ବାଳକଙ୍କୁ ବିବାହ କରୁଥିବା ବୟସ୍କ ବ୍ୟକ୍ତି, ବାଲ୍ୟବିବାହ କରୁଥିବା, ପରିଚାଳନା କରୁଥିବା, ନିର୍ଦ୍ଦେଶ ଦେଉଥିବା ଓ ପ୍ରୋତ୍ସାହିତ କରୁଥିବା କୌଣସି ବ୍ୟକ୍ତିଙ୍କ ପାଇଁ ୨ ବର୍ଷ ସଶ୍ରମ କାରାଦଣ୍ଡ ଅଥବା ୧ଲକ୍ଷ ଟଙ୍କା ଯାଏ ଜରିମାନା ବ୍ୟବସ୍ଥା ରହିଥିବା ଛାତ୍ରୀମାନଙ୍କୁ ଅବଗତ କରାଯାଇଛି।

# ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ ପାଇଁ ଆନ୍ଧ୍ର ଉପରେ ନିର୍ଭର ସୀମାନ୍ତବାସୀ

**ନନ୍ଦପୁର,୩୧।୩ (ତୁଷାର କାନ୍ତ ମହାନ୍ତି)**

ରାଜ୍ୟରେ ଓଡ଼ିଆ ପକ୍ଷ ଦିବସ ପାଳନ କରାଯାଉଥିବା ବେଳେ ଆନ୍ଧ୍ର ସୀମାନ୍ତ କୋରାପୁଟ ଜିଲା ନନ୍ଦପୁର, ଲମତାପୁଟ, ପଟ୍ଟାଙ୍ଗି, ବନ୍ଧୁଗାଁ ଓ ନାରାୟଣପାଟଣା ବ୍ଲକ ଅଞ୍ଚଳବାସୀ ଓଡ଼ିଆ ବଦଳରେ ତେଲୁଗୁ ଭାଷାକୁ ଆପଣାଉଥିବା ଦେଖିବାକୁ ମିଳିଛି। ଲୋକେ କୁଇ, ପରଜା, ଭୂମିଆ, ଭତ୍ରା ଓ ଗାଦବା ଆଦି ଜାତିଭିତ୍ତିକ ଭାଷାରେ କଥା ହେଉଛନ୍ତି। ଶିକ୍ଷାନୁଷ୍ଠାନରେ ପାଠ୍ୟକ୍ରମ ଓଡ଼ିଆ ଭାଷାରେ ରହିଛି। କିନ୍ତୁ ଅଞ୍ଚଳବାସୀ ଦିନଚର୍ଯ୍ୟା, ବ୍ୟବସାୟ, ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାର ପାଇଁ ଆନ୍ଧ୍ର ଉପରେ ଅଧିକ ନିର୍ଭର କରୁଥିବାରୁ ତେଲୁଗୁ ଭାଷା କହିବା ଓ ଲେଖିବା ସେମାନଙ୍କ ଆବଶ୍ୟକତା ହୋଇପଡ଼ିଛି। ଏଥିଯୋଗୁ ସେମାନେ ଆଞ୍ଚଳିକ ଭାଷା ସହ ଓଡ଼ିଆ ଭାଷାରୁ ଦୂରେଇ ଯାଉଥିବା ଜଣାପଡ଼ିଛି। ନନ୍ଦପୁର ବ୍ଲକ ଅଧୀନ ପାଣ୍ଡୁଲୁଙ୍ଗ, ବିଲାପୁଟ, ଗୋଲୁର, ପରଜା ବଡପଡ଼ା, କୁଲାରସିଂ, ଚାଟୁଆ, ଖିନବର, ନନ୍ଦକା ଆଦି ପଞ୍ଚାୟତବାସୀଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି।

ସୂଚନା ମୁତାବକ, ନନ୍ଦପୁର ବ୍ଲକ ଅଧୀନରେ ଆନ୍ଧ୍ର ସୀମାରେ ୮ ପଞ୍ଚାୟତ ରହିଛି। ପଞ୍ଚାୟତଗୁଡ଼ିକରେ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ କୁଇ, ପରଜା ଓ ଗଦବା ଭାଷାଭାଷୀ ରୁହନ୍ତି। ଗାଁ ପିଲାମାନେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରନ୍ତି। କିନ୍ତୁ ଉତ୍ପାଦ ବିକ୍ରି ଓ ଅତ୍ୟାବଶ୍ୟକୀୟ ସାମଗ୍ରୀ କିଣାବିକା ପାଇଁ ଆନ୍ଧ୍ରପ୍ରଦେଶର ହାଟବଜାର ଓ ବ୍ୟବସାୟୀଙ୍କ ଉପରେ ନିର୍ଭର କରିଥାନ୍ତି। ଆନ୍ଧ୍ରରେ ବିବାହ କରିବା ସହ ବିଶାଖାପାଟଣା ମେଡିକାଲଗୁଡ଼ିକରେ ସ୍ୱାସ୍ଥ୍ୟ ସେବା ପାଇଁ ଯାଉଛନ୍ତି। ଆନ୍ଧ୍ର ସରକାରଙ୍କ ଆମ୍ମାବାଡି ଆଦି ସରକାରୀ ଯୋଜନା, ସ୍କୁଲ ବସ୍ ସେବା, ଆବାସିକ ସୁବିଧାରେ ଆକୃଷ୍ଟ ହୋଇ ଲୋକେ ପିଲାଙ୍କୁ ଆନ୍ଧ୍ର ବିଦ୍ୟାଳୟକୁ ପଠାଉଛନ୍ତି। ଏଥିପାଇଁ ଲୋକେ ଓଡ଼ିଆ ବଦଳରେ ତେଲୁଗୁ ଭାଷା ବ୍ୟବହାର କରି ଭାବ ଆଦାନପ୍ରଦାନ କରିବାକୁ ବାଧ୍ୟ ହେଉଛନ୍ତି। ସୀମାନ୍ତ ଅଞ୍ଚଳରେ ଓଡ଼ିଆ ବଦଳରେ ତେଲୁଗୁ ଭାଷାର ପ୍ରଚାର ପ୍ରସାର ଦିନକୁ ଦିନ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଲୋକେ ଓଡ଼ିଆରେ ବଦଳରେ ତେଲୁଗୁ ଓ ଇଂଲିଶରେ ଲେଖିବାକୁ ପସନ୍ଦ କରୁଛନ୍ତି। ସ୍ଥାନୀୟ ବାସିନ୍ଦା ମାତୃଭାଷାଠାରୁ ଦୂରେଇ ଯାଉଛନ୍ତି। ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସୀମାବର୍ତ୍ତୀ ଅଞ୍ଚଳରେ ପଦକ୍ଷେପ ଓ ସଚେତନତା ଆବଶ୍ୟକ ବୋଲି ବୁଦ୍ଧିଜୀବୀ କହିଛନ୍ତି। ଏ ସମ୍ପର୍କରେ ନନ୍ଦପୁର ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ମାତୃଭାଷାର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଓ ଶିକ୍ଷା ବିଭାଗ ସଚେତନ ରହିଛି। ୨ ବିଭାଗ ପକ୍ଷରୁ ବ୍ଲକ, ଜିଲା ପ୍ରଶାସନର ସହାୟତାରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଶିକ୍ଷା ବିଭାଗ ପକ୍ଷରୁ ଜାତିଭିତ୍ତିକ ଭାଷାର ସୁରକ୍ଷା ପାଇଁ ପ୍ରାୟ ୪ଶହ ପରଜା, କୁଇ, ଗାଦବା, ଭୂମିଆ, ଭତ୍ରା ଭାଷାଭିତ୍ତିକ(ଏମଏଲଇ) ଶିକ୍ଷକ ଶିକ୍ଷୟତ୍ରୀ ନିଯୁକ୍ତି ଦିଆଯାଉଛି। ବ୍ଲକରେ ୫୦ରୁ ଉର୍ଦ୍ଧ୍ୱ ଭାଷା ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟରତ ଥିବା ସୂଚନା ଦେଇଛନ୍ତି। ବୁଧବାର ଜିଲା ପ୍ରଶାସନ ପକ୍ଷରୁ ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତରେ ଓଡ଼ିଶା ଦିବସ ପାଳନ କରାଯିବ ବୋଲି ସୂଚନା ଦେଇଛନ୍ତି।

## ମାତୃଭାଷାରୁ ଯାଉଛନ୍ତି ଦୂରେଇ

# ୟୁନିସେଫ୍, ସିୟୁଓର ଦକ୍ଷତା ବିକାଶ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ସିୟୁଓ, ୟୁନିସେଫ୍ କର୍ତ୍ତୃପକ୍ଷ ଓ ଖବରଦାତାମାନେ।

**କୋରାପୁଟ, ୩୧।୩ (ଅମିତାଭ ବେହେରା)**

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା (ସିୟୁଓ) ଓ ୟୁନିସେଫ୍ ଭାରତଙ୍କ ମିଳିତ ସହଯୋଗରେ ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ଏକ ଦକ୍ଷତା ବିକାଶ କର୍ମଶାଳା ଆୟୋଜିତ ହୋଇଛି। ଆଦିବାସୀଙ୍କ ସ୍ୱାସ୍ଥ୍ୟ, ପୁଷ୍ଟିସାର ଓ ଶିଶୁ ସୁରକ୍ଷା ବିଷୟ କର୍ମଶାଳା ହୋଇଥିଲା। ଉଦ୍‌ଘାଟନୀ ଅଧିବେଶନରେ ଉପକୁଳପତି ପ୍ରଫେସର ଏନ୍.ସି. ପଣ୍ଡା ଏଭଳି କର୍ମଶାଳା ସାମାଜିକ ସଚେତନତା ବୃଦ୍ଧିରେ ସହାୟକ ବୋଲି କହିଥିଲେ। ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ଶିବ ସାଇ ସ୍ୱରୂପ ଖବରଦାତାମାନଙ୍କୁ ତଥ୍ୟ ପ୍ରକାଶ ପୂର୍ବରୁ ସତ୍ୟତା ଯାଞ୍ଚ କରିବାକୁ ପରାମର୍ଶ ଦେଇଥିଲେ। ୟୁନିସେଫ୍ ପରାମର୍ଶଦାତା ସାରଦା ଲହାଙ୍ଗିର, ରାଜ୍ୟ ଶିଶୁ ସୁରକ୍ଷା ପରାମର୍ଶଦାତା ଘାସିରାମ ପଣ୍ଡା, ବିଭାଗ ମୁଖ୍ୟ ଡା.ନିଖିଲ କୁମାର ଗୌଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସହାୟକ ପ୍ରଫେସର ସୁମିତ କୁମାର ବେହେରା ଧନ୍ୟବାଦ ଦେଇଥିଲେ। କର୍ମଶାଳାରେ ଆଦିବାସୀ କିଶୋରମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା, ମିଡିଆ, ଡାକ୍ତରଙ୍କ ଦୃଷ୍ଟିକୋଣ ଓ ଶିଶୁ ସୁରକ୍ଷା ପ୍ରଣାଳୀ ଆଦି ଆଲୋଚନା ହୋଇଥିଲା। ସିୟୁଓ ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗ ଡ.ସୌରଭ ଗୁପ୍ତା ଓ ପ୍ରଫେସର ପ୍ରଦୋଷ କୁମାର ରଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ କେବିକେ ଅଞ୍ଚଳର ପ୍ରାୟ ୩୦ ଖବରଦାତା ଅଂଶଗ୍ରହଣ କରିଥିଲେ।

# ବିନା ପଲ୍ଲିସଭାରେ ପୋଖରୀ ଖୋଳାକୁ ବିରୋଧ

**କୋରାପୁଟ, ୩୧।୩ (ଅମିତାଭ ବେହେରା)**



ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

କୋରାପୁଟ ଜିଲା ଜୟପୁର ବ୍ଲକ ବଡ଼ପଡ଼ା ଗ୍ରାମରେ ବିନା ପଲ୍ଲିସଭାରେ ପୋଖରୀ ଖୋଳାକୁ ବିରୋଧ କରି ବନ୍ଦ କରିବାକୁ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହ ଅଭିଯୋଗପତ୍ର ମଙ୍ଗଳବାର ପ୍ରଦାନ କରିଛନ୍ତି। ବଡ଼ପଡା ଗ୍ରାମବାସୀ ଦେଇଥିବା ଅଭିଯୋଗ ପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ, ଜୟପୁର ବ୍ଲକ ଜାମୁଣ୍ଡା ପଞ୍ଚାୟତ ବଡ଼ପଡ଼ା ଗ୍ରାମ ନିକଟରେ ପୋଖରୀ ଥିବା ବେଳେ ନଳକୂପ ଓ କୂଅ ରହିଛି। ଗ୍ରାମ ଜମିରେ ସର୍ବଦା ପାଣି ରହୁଥିବାରୁ ଚାଷ ଜମିକୁ ପାଣିର ଆବଶ୍ୟକ ନାହିଁ। କିନ୍ତୁ ଜିଲା ଜଳବିଭାଜିକା ପ୍ରକଳ୍ପ ପକ୍ଷରୁ ପୂର୍ବରୁ ଥିବା ପୋଖରୀ ନିକଟରେ ବିନା ପଲିସଭା ଓ ଗ୍ରାମବାସୀଙ୍କ ଅଗୋଚରରେ ବିଦ୍ୟାଳୟ ଓ ବଜାର ପାଇଁ ଥିବା ଜମିରେ କିପରି ଓ କାହା ସ୍ୱାର୍ଥ ପାଇଁ ପୋଖରୀ ଖୋଳାଯାଉଛି ବୋଲି ପ୍ରଶ୍ନ କରିଥିଲେ। ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରି ତୁରନ୍ତ ବନ୍ଦ କରିବାକୁ ନିବେଦନ କରିଛନ୍ତି। ଜିଲାପାଳ ମନୋଜ ସତ୍ୟବାନ ମହାଜନ ତୁରନ୍ତ ତଦନ୍ତ କରିବା ପାଇଁ ଜିଲା ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶିବଶଙ୍କର ଜେଠୀଙ୍କୁ ଉକ୍ତ ଗ୍ରାମକୁ ପଠାଇ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ଶିବ ପରଜା, ଲକ୍ଷ୍ମୀନାରାୟଣ ଗଦବା, ସଦାନନ୍ଦ ନାୟକ, ତୁଲାରାମ ଗଦବା, କୁନୁ ଭୂମିଆ, ଜଗା ଗଦବା,ହରିବନ୍ଧୁ ମାଳି ମଧୁ ମାଳିଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପଥର କ୍ୱାରି ବନ୍ଦ କରିବା ଦାବି

**କୋରାପୁଟ,୩୧।୩ (ଅମିତାଭ ବେହେରା)**

କୋରାପୁଟ ଜିଲାର ଜୟପୁର ବ୍ଲକ ଅଧୀନ ଜାମୁଣ୍ଡା ପଞ୍ଚାୟତ ଉପର କଙ୍କଡାଗୁଡା ଗ୍ରାମ ନିକଟ ଟିଙ୍କିମା ପାହାଡ଼ରେ ଚାଲୁଥିବା ପଥର କ୍ୱାରିକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ପାହାଡ଼ ଅଞ୍ଚଳର ସନ୍ଧି ଓ ପୂଜାସ୍ଥଳୀ ଭାବେ ପରିଚିତ। ସ୍ଥାନୀୟ ଲୋକେ ଅର୍ଥ ସଂଗ୍ରହ କରି ଏହାର ସୁରକ୍ଷା ଓ ରକ୍ଷଣାବେକ୍ଷଣ କରୁଥିଲେ। ଏହି ଅଞ୍ଚଳକୁ ବାହାର ରାଜ୍ୟର କେତେକ ବ୍ୟକ୍ତିଙ୍କୁ ପଥର କ୍ୱାରି ପାଇଁ ଦିଆଯାଇଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୈନିକ ବ୍ଲାଷ୍ଟିଂ କାର୍ଯ୍ୟ ଚାଲିଥିବାରୁ ଗ୍ରାମର ଅନେକ ଘରବାଡ଼ିରେ ଫାଟ ଦେଖାଦେଇଛି। ସରକାରୀ ଯୋଜନାରେ ନିର୍ମିତ ଇନ୍ଦିରା ଆବାସିଗୁଡ଼ିକର ସ୍ଲାବ ଓ କାନ୍ଥ କ୍ଷତିଗ୍ରସ୍ତ ହୋଇପଡ଼ିଛି। ବ୍ଲାଷ୍ଟିଂରେ ସୃଷ୍ଟ ଧୂଳିକଣା ଯୋଗୁ ଗ୍ରାମର ଛୋଟ ପିଲାମାନେ ଶ୍ୱାସଜନିତ ରୋଗରେ ପୀଡିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜେସିବି ବ୍ୟବହାର କରି ବିପୁଳ ପରିମାଣର ବୃକ୍ଷ କଟାଯାଉଥିବାରୁ ପରିବେଶ କ୍ଷତିଗ୍ରସ୍ତ ହେଉଥିବା କହିଛନ୍ତି। ଗ୍ରାମବାସୀ ବିରୋଧ କଲେ ସେମାନଙ୍କୁ ଧମକ ଦିଆଯାଉଥିବା ଓ ମହିଳାମାନଙ୍କୁ ଅଶ୍ଳିଳ ବ୍ୟବହାର କରାଯାଉଥିବା ଅଭିଯୋଗ କରିଛନ୍ତି। ଏଥିସହ ପାହାଡ଼ ତଳେ ଥିବା ଚାଷ ଜମିରେ ବ୍ଲାଷ୍ଟିଂ ଯୋଗୁ ପଥର ଓ ଧୂଳିପଡ଼ି ଚାଷରେ ଅସୁବିଧା ହେଉଥିବା କହିଛନ୍ତି। ଗ୍ରାମବାସୀ ବୈଠକ କରି ଏକ ମତ ହୋଇ ପଥର କ୍ୱାରିକୁ ବନ୍ଦ କରିବାକୁ ଦାବି କରିଛନ୍ତି। ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।




# ୯ ଦିନ ଗାଁ ମଣ୍ଡପରେ ପୂଜା ପାଇବେ ମା'

**ଲକ୍ଷ୍ମୀପୁର,୩୧।୩ (ଅନନ୍ତ ପ୍ରସାଦ ନାୟକ)**

## ଘଟପର୍ବ ଆରମ୍ଭ

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମାରେ ମା'ବଡଦେବତା, ମା' ଠାକୁରାଣୀଙ୍କ ଘଟଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସୋମବାର ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇ ମା'ଙ୍କୁ ମୁଖ୍ୟ ମନ୍ଦିରରୁ ଯାତ୍ରା ମଣ୍ଡପକୁ ଅଣାଯାଇଛି। ୯ ଦିନ ଧରି ମା'ଗ୍ରାମର ସାହି ବୁଲି ଧୂପ ଦୀପ ନୈବେଦ୍ୟରେ ପୂଜା ପାଆନ୍ତି। ୭ତାରିଖରେ ଅଞ୍ଚଳବାସୀ ମା'ଙ୍କ ପୀଠରେ ପୂଜାର୍ଚ୍ଚନା କରି ଆମ୍ବ, ମହୁଲ ଖାଇବେ। ଏହି ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ୮ତାରିଖରେ ମା'ଙ୍କୁ ବିସର୍ଜନ କରାଯିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।






